ଓଡ଼ିଶା ସାହିତ୍ୟ ଏକାଡେମୀ

# ସମାଚାର

ODISHA SAHITYA AKADEMI SAMACHAR

46th Issue : July-September 2016 | ସଂଖ୍ୟା ୪୬: ଜୁଲାଇ-ସେପ୍ଟେମ୍ବର ୨୦୧୬


## ମୁମ୍ବାଇଠାରେ ଓଡ଼ିଆ ଓ ମରାଠୀ ଭାଷା ସାହିତ୍ୟର ଆଲୋଚନାଚକ୍ର



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନଭିମୁମ୍ବାଇର ୱାସିରେଥିବା ଓଡ଼ିଶା ଭବନରେ 'ସ୍ୱାଧୀନୋତ୍ତର ଓଡ଼ିଆ ଓ ମରାଠୀ ଗଳ୍ପ ସାହିତ୍ୟ : ଏକ ତୁଳନାତ୍ମକ ବିଶ୍ଲେଷଣ' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ତା ୯.୭.୧୬ ଓ ୧୦.୭.୧୬ ରିଖରେ ଅନୁଷ୍ଠିତ ହୋଇଯାଇଛି। ତା ୯.୭.୧୬ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ଅନୁଷ୍ଠିତ ଆଲୋଚନାଚକ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପଦ୍ମଶ୍ରୀ ମଧୁମଙ୍ଗେସ କାର୍ଣ୍ଣିକ୍, ମରାଠୀ ଦଳିତ ସାହିତ୍ୟର ପ୍ରବକ୍ତା ଶ୍ରୀ ଅର୍ଜୁନ ଡାଙ୍ଗଲେ ଓ ବମ୍ବେ ଓଡ଼ିଆ ମହିଳା ସଙ୍ଗଠନର ସଭାପତି ଡକ୍ଟର କାନନିକା ତ୍ରିପାଠୀ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ଅମରେନ୍ଦ୍ର କୁମାର ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ଏହି ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିବା ସହିତ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଏକାଡେମୀ ପ୍ରକାଶିତ ଚାରିଗୋଟି ପୁସ୍ତକ ଲୋକାର୍ପିତ ହୋଇଥିଲା।

ଏହାପରେ ଆଲୋଚନାଚକ୍ରର ପ୍ରଥମ ଅଧିବେଶନ ଅପରାହ୍ଣ ୨.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଅରବିନ୍ଦ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ସ୍ୱାଧୀନୋତ୍ତର 'ଓଡ଼ିଆ ଓ ମରାଠୀ ଗଳ୍ପ ସାହିତ୍ୟ : ଏକ ତୁଳନାତ୍ମକ ବିଶ୍ଲେଷଣ' ବିଷୟରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ସମ୍ମାନନୀୟ ଆଲୋଚକ ଭାବରେ ଶ୍ରୀମତୀ ପାରମିତା ଶତପଥୀ, ଶ୍ରୀ ଦେବପ୍ରସାଦ ଦାସ, ରଜନୀକାନ୍ତ ମହାନ୍ତି, ଅଭୟ କୁମାର ପାଢ଼ୀ, ମମତାମୟୀ ଚୌଧୁରୀ, ରବି ପଣ୍ଡା ଓ ମରାଠୀ ସାହିତ୍ୟର ଡକ୍ଟର ରାମ ପଣ୍ଡିତ, ପ୍ରତିଭା ସରାଫ, ପ୍ରଫେସର ଅବଦୁଲ୍ଲ ସତ୍ତାର ଦଲୱି ଅଂଶଗ୍ରହଣ କରିଥିଲେ। ଅଧିବେଶନ ଶେଷରେ ଶ୍ରୀ ଗଣେଶରାମ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଦିନ ତା ୧୦.୭.୧୬ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡକ୍ଟର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କ୍ଷୁଦ୍ରଗଳ୍ପରେ ଭାବ, ଭାଷା ଓ ଶୈଳୀ ବିଷୟ ଆଲୋଚନା କରାଯାଇଥିଲା। ମରାଠୀ ସାହିତ୍ୟରେ ରାମଦାସ ଭଟ୍ଟକଲ, ନୀଳିଭା ଭାବେ, ଜୟନ୍ତ ପାୱାର, ଶିଳ୍ପା ଦେଶପାଣ୍ଡେ ଏବଂ ଓଡ଼ିଆ ସାହିତ୍ୟରେ ପୁଷ୍ପାଞ୍ଜଳୀ ନାୟକ, ଅନୀଲ କୁମାର ପାଢ଼ୀ, ରାଜ୍ୟବର୍ଦ୍ଧନ ଧଳ ସାମନ୍ତ, ଆଦିତେଶ୍ୱର ମିଶ୍ର, ଗଙ୍ଗାଧର ବିଶ୍ୱାଳ ଆଦି ସମ୍ମାନନୀୟ ଆଲୋଚକ ଭାବେ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଶ୍ରୀ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ଦିନ ଅପରାହ୍ଣ ୩.୦୦ ଘଟିକାରେ କବିତା ପାଠ ଓ ଉଦ୍‌ଯାପନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁମ୍ବାଇରେ ରହୁଥିବା କବି ଓ ନାଟ୍ୟକାର ଶ୍ରୀ ଗୋପାଳଚନ୍ଦ୍ର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ବୈଜ୍ଞାନିକ ସତ୍ୟନାରାୟଣ ଆଚାର୍ଯ୍ୟ, ଡକ୍ଟର ବ୍ରତତୀଦାଶ ରଥ, ଗୀତା ଷଡ଼ଙ୍ଗୀ, ପାରମିତ ଷଡ଼ଙ୍ଗୀ, ନିବେଦିତା ମିଶ୍ର ଗୁରୁ କବିତା ପାଠ କରିଥିଲେ। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ଓ ଗୋପାଳ ଚନ୍ଦ୍ର ତ୍ରିପାଠୀ ମଧ୍ୟ ଏହି ଅଧିବେଶନରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଏହି ଅଧିବେଶନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ମୁମ୍ବାଇରେ ରହୁଥିବା ଓଡ଼ିଆ ସାହିତ୍ୟିକା କମଳା ଶତପଥୀ।

## ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଗଙ୍ଗାଧର ମେହେର କ୍ଲବ, ବରପାଲ୍ଲୀଙ୍କ ମିଳିତ ସହଯୋଗରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୮.୮.୧୬ରିଖ ସନ୍ଧ୍ୟା ୬.୦୦ ଘଟିକାରେ ବରପାଲ୍ଲିସ୍ଥ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଡକ୍ଟର ଘନଶ୍ୟାମ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ସାଂସଦ ଡକ୍ଟର ପ୍ରଭାସ କୁମାର ସିଂହ ମୁଖ୍ୟଅତିଥି, ମାନ୍ୟବର ବିଧାନସଭା ସଦସ୍ୟ ଶ୍ରୀ ସୁବଳ ସାହୁ ସମ୍ମାନନୀୟ ଅତିଥି, ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଓ ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଗଙ୍ଗାଧର ମେହେରଙ୍କ କାବ୍ୟ ସୃଷ୍ଟିରେ ପ୍ରକୃତି ଚିତ୍ରଣ ଏକ ଅନନ୍ୟ ପ୍ରତିଭା। ତାଙ୍କ ଲେଖନୀ ନିସୃତ କାବ୍ୟଗୁଡ଼ିକରେ ଉତ୍କଳ ଭୂମିର ପ୍ରତ୍ୟେକ ଦୃଶ୍ୟ ଅତି ଚମତ୍କାର ଭାବରେ ପ୍ରତିଫଳିତ ହୋଇଅଛି। ଏହା ପ୍ରକୃତିର ଏକ ମଧୁର ସଂଯୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ଲିଖିତ ତପସ୍ୱିନୀ କାବ୍ୟ ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ଋଦ୍ଧିମନ୍ତ କରିଅଛି। ପ୍ରାରମ୍ଭରେ ଏକାଡେମୀର ସଚିବ, ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ଶ୍ରୀ ସଞ୍ଜୀୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବଶକ୍ତି ସାମାଜିକ ଓ ସାଂସ୍କୃତିକ ପରିଷଦ ଏବଂ ଷ୍ଟାର ୟୁଥ୍ କ୍ଲବଙ୍କ ମିଳିତ ସହଯୋଗରେ ସବୁଜ ଯୁଗର ପ୍ରଖ୍ୟାତ କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨.୭.୧୬ ରିଖ ସନ୍ଧ୍ୟା ୫.୦୦ ଘଟିକାରେ କବିଙ୍କ ଜନ୍ମପୀଠ ଖୋର୍ଦ୍ଧା ଜିଲ୍ଲାସ୍ଥ ବିଶ୍ୱନାଥପୁରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜୟଦେବ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଲେ କବି କାଳିନ୍ଦୀଚରଣ ଥିଲେ ସବୁଜ ଯୁଗର ସ୍ରଷ୍ଟା। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନରେ କାଳିନ୍ଦୀଙ୍କ ପ୍ରମୁଖ ଭୂମିକା ଥିଲା। ସେ ଥିଲେ କାଳଜୟୀ ସାହିତ୍ୟ ସାଧକ। ଓଡ଼ିଆ ସାହିତ୍ୟ ଓ ଭାଷାର ସୁରକ୍ଷା ପାଇଁ ରେଭେନ୍ସା କଲେଜରେ ସେ ଛାତ୍ର ଜୀବନରୁ ସାହିତ୍ୟ ସଙ୍ଗଠନ ତିଆରି କରିଥିଲେ। ସେ ଓ ତାଙ୍କ ଭାଇ ଭଗବତୀ ପାଣିଗ୍ରାହୀଙ୍କ ହୃଦୟରେ ଥିଲା ସାମ୍ୟବାଦର ଚେତନା। ବାଲିପଟଣା ବ୍ଲକ ବିଡ଼ିଓ ଶ୍ରୀ କମଳଜିତ୍ ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ସାହିତ୍ୟ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ ଘଟିଥିଲା, ସେଥିରେ କବି କାଳିନ୍ଦୀ ପାଣିଗ୍ରାହୀ ପ୍ରମୁଖ ଭୂମିକା ଲିଭାଇଥିଲେ। ସେ ଏକାଧାରରେ ସମାଜ ସେବକ, ଔପନ୍ୟାସିକ, ନାଟ୍ୟକାର, କବି, ଗାଳ୍ପିକ ଓ ସାମଗ୍ରିକ ସ୍ରଷ୍ଟା। ଏହି ଅବସରରେ ଡକ୍ଟର ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ କାଳିନ୍ଦୀ ପାଣିଗ୍ରାହୀଙ୍କ ସାହିତ୍ୟରେ ଥିଲା ମାଟି, ପାଣି, ପବନ ଓ ମଣିଷ ହୃଦୟର କଥା। ତାଙ୍କ ରଚିତ ଯାଦୁଘର ଓ ସଇତାନ କବିତା ପାଠକଙ୍କ ହୃଦୟକୁ ବେଶ୍ ଛୁଇଁଥିଲା। ଲେଖନୀରେ ସେ ନୂଆ ସମାଜର ସ୍ୱପ୍ନ ଦେଖିଥିଲେ। ଯୁବ ସାହିତ୍ୟିକଙ୍କୁ ସେ ଦେଖାଇଥିଲେ ନୂଆ ସକାଳ। ଏଥିରେ ବିଶିଷ୍ଟ ସମାଜସେବୀ ଶ୍ରୀ ଦିଲ୍ଲୀପ କୁମାର ଓଝା ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଏକାଡେମୀ ପ୍ରତିନିଧି ଶ୍ରୀ ସଞ୍ଜୀୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଭାରତ ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବପରିଷଦଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୫.୮.୧୬ରିଖ ସନ୍ଧ୍ୟା ୬.୩୦ ଘଟିକାରେ ସାକ୍ଷୀଗୋପାଳସ୍ଥିତ ଶ୍ରୀରାମଚନ୍ଦ୍ରପୁର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର କୈଳାସଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ଶ୍ରୀମତୀ ପ୍ରତିମାରାଣୀ ମିଶ୍ର ସମ୍ମାନନୀୟା ଅତିଥି ଓ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି କହିଲେ ପଣ୍ଡିତ ନୀଳକଣ୍ଠ ଦାସ ଜଣେ ଦେଶପ୍ରମୀ, ସମାଜ ସଂସ୍କାର ଓ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ। ଓଡ଼ିଆ ଜାତିର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ରକ୍ଷା କରିବା ପାଇଁ ତାଙ୍କର ଉଦ୍ୟମ ଥିଲା ଅତୁଳନୀୟ। ଦେଶର ସ୍ୱାଧୀନତା ପାଇଁ ବିପ୍ଳବୀ ଭାବେ ସେ ବହୁବାର ଜେଲ ବରଣ କରିଥିଲେ ଏବଂ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟକୁ ତାଙ୍କର ଅବଦାନ ବହୁ ପ୍ରଶଂସିତ। କବି ଭାବରେ ସେ କାବ୍ୟ ସୃଷ୍ଟିରେ ମୌଳିକତା ପ୍ରଦର୍ଶନ କରିଛନ୍ତି। ଜଣେ ସୁଫଳ ଅନୁବାଦକ ଓ ଶିଶୁ ସାହିତ୍ୟିକ ଭାବେ ସେ ଯଶସ୍ୱୀ। ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୀୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୧.୮.୧୬ରିଖ ପୂର୍ବାହ୍ନ ୧୦.୦୦ଘଟିକାରେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ଦେବ ଦତ୍ତ ପଣ୍ଡା ମୁଖ୍ୟଅତିଥି, ଶିକ୍ଷାବିତ୍ ଗୌର ଚନ୍ଦ୍ର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ପଣ୍ଡିତ ନନ୍ଦଙ୍କ 'ଶ୍ରୀ ଭାରତ ଦର୍ପଣ' ଓ 'ବିହ୍ଲଣୀୟ' ବାକ୍ୟ ଉପରେ ଆଲୋକପାତ କରି ତାଙ୍କ ଅଧ୍ୟବସାୟର ପଟାନ୍ତର ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ଭାରତୀ ପାଣିଗ୍ରାହୀ ଯୋଗଦାନ କରି ପଣ୍ଡିତ ନନ୍ଦଙ୍କ ସାମଗ୍ରୀକ କୃତି ଉପରେ ଆଲୋକପାତ କରିବା ସହ ସେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ବୋଲି ଅଭିହିତ କରିଥିଲେ। ଏହି ସଭାରେ ଅଧ୍ୟକ୍ଷତା କରୁଥିବା ଶ୍ରୀ ମହାପାତ୍ର ପଣ୍ଡିତ ନନ୍ଦଙ୍କ ଓଡ଼ିଆ ଶବ୍ଦତତ୍ତ୍ୱ ବୋଧ, ଅଭିଧାନ ଓ ଓଡ଼ିଆ ଭାଷାତତ୍ତ୍ୱ ଭଳି ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦକୁ ଏ ଜାତି କେବେ ହେଲେ ଭୁଲି ପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ବିଚିତ୍ରାନନ୍ଦ ବେବର୍ତ୍ତା, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ବନମାଳୀ ମହାପାତ୍ର, ସଚ୍ଚିଦାନନ୍ଦ ସାମଲ, ଜଗଦୀଶ ଚନ୍ଦ୍ର ମହାପାତ୍ର ଓ ନିତ୍ୟାନନ୍ଦ ଚୌଧୁରୀ ପ୍ରମୁଖ ସ୍ଥାନୀୟ ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ପ୍ରଫେସର ଡକ୍ଟର ଭବାନୀଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂସ୍କୃତି ଓ ଇତିହାସ ଉନ୍ନତ ଅଧ୍ୟୟନ କେନ୍ଦ୍ରଙ୍କ ମିଳିତ ସହଯୋଗରେ ପ୍ରଖ୍ୟାତ ଐତିହାସିକ ପ୍ରଫେସର ଡକ୍ଟର ଭବାନୀଚରଣ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପଠାରେ ତା ୨୪.୮.୧୬ ରିଖ ସନ୍ଧ୍ୟା ୬.୩୦ ଘଟିକାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଓ ଇତିହାସ ଉନ୍ନତ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ହେମନ୍ତ କୁମାର ପରିଜାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ବସନ୍ତ କୁମାର ମଲ୍ଲିକ ମୁଖ୍ୟଅତିଥି, ପ୍ରଫେସର ଅମଳ କୁମାର ମିଶ୍ର ସମ୍ମାନନୀୟ ଅତିଥି ଓ ଡକ୍ଟର ହିମାଂଶୁ ଶେଖର ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ଯେ ମଧ୍ୟଯୁଗୀୟ ଓଡ଼ିଶା ଓ ଆଧୁନିକ ଓଡ଼ିଶାର ଆଦ୍ୟପର୍ବ ଇତିହାସକୁ ଐତିହାସିକ ପ୍ରଫେସର ଭବାନୀ ଚରଣ ରାୟ ଏକ ନୂତନ ଦିଗନ୍ତ ଦେଇଛନ୍ତି। ୧୫୬୮ ଖ୍ରୀଷ୍ଟାବ୍ଦ ପରଠାରୁ ୧୮୦୩ ମସିହା ପର୍ଯ୍ୟନ୍ତ ୨୩୫ ବର୍ଷର ଅଜ୍ଞାତ ଇତିହାସକୁ ପୁନରୁଦ୍ଧାର କରିବାରେ ସ୍ୱର୍ଗତ ରାୟ ସକ୍ଷମ ହୋଇଥିଲେ। ଓଡ଼ିଶାରେ ମରାଠୀ ଓ ମୋଗଲ ଶାସନ କାଳର ଇତିହାସକୁ ଲୋକଲୋଚନକୁ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ରାଜନୈତିକ ଇତିହାସ ନୁହେଁ ସମାଜ, ଧର୍ମ, ଆର୍ଥିକସ୍ଥିତି, ଯୋଗାଯୋଗ ଓ ନୌବାଣିଜ୍ୟ ଉପରେ ତାଙ୍କର ଇତିହାସ ପର୍ଯ୍ୟବେଶିତ। ଏହାଛଡ଼ା ଅନେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ମଧ୍ୟ ତାଙ୍କର ଅନେକ ଲେଖା ପ୍ରକାଶ ପାଇଛି। ସ୍ୱର୍ଗତଃ ରାୟ ପାର୍ସି କିମ୍ବା ଆରବୀ ଭାଷା ଜାଣିନଥିଲେ ମଧ୍ୟ ଅନୁବାଦକଙ୍କୁ ନିଯୁକ୍ତି କରି ଇତିହାସ ରଚନା କରିବା ସହ ଅନେକ ଗବେଷଣାତ୍ମକ ପ୍ରବନ୍ଧ ମଧ୍ୟ ରଚନା କରିଥିଲେ। ବୈଜ୍ଞାନିକ ପଦ୍ଧତିରେ ଇତିହାସର ଗବେଷଣା କରିବା ଉପରେ ସେ ଜୋର ଦେଉଥିଲେ। ସେ ସର୍ବଦା ପ୍ରକୃତ ଇତିହାସ ଚାହୁଁଥିଲେ। ତେଣୁ ସେ ଥିଲେ ପ୍ରକୃତ ଐତିହାସିକ। ଏହି ସଭାର ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କବିବର ରାଧାନାଥ ରାୟଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବିବର ରାଧାନାଥ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୮.୯.୧୬ରିଖ ସନ୍ଧ୍ୟା ୬.୩୦ ଘଟିକାରେ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ କବିଙ୍କ ଜନ୍ମପୀଠ କେଦାରପୁରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। କବିବର ରାଧାନାଥ ସ୍ମୃତି ସଂସଦର ସଭାପତି ଶ୍ରୀ ଲକ୍ଷ୍ମୀନାରାୟଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି, ପ୍ରଫେସର ହରିହର କାନୁନ୍‌ଗୋ ମୁଖ୍ୟବକ୍ତା ଓ ଡକ୍ଟର ଅମ୍ବରିଶ ଡିଣ୍ଡା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ରାଧାନାଥ ରାୟ ଥିଲେ ଅସାଧାରଣ ସାରସ୍ୱତ ପ୍ରତିଭା। ଓଡ଼ିଆ ସାହିତ୍ୟରେ ଆଧୁନିକ କାବ୍ୟ ଯୁଗର ପ୍ରବର୍ତ୍ତକ ଭାବେ ସେ ବହୁ ଯଶ ଓ ଗୌରବର ଅଧିକାରୀ। ତାଙ୍କ ଦ୍ୱାରା ରଚିତ ଚିଲିକା କାବ୍ୟ ତାଙ୍କୁ ବହୁ ଯଶ ଓ ଗୌରବର ଅଧିକାରୀ କରିପାରିଛି। ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରେମୁଣାଠାରେ ସାରସ୍ୱତ ସଭା ଓ କବିତାପାଠ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର ନିକଟସ୍ଥ ଶରତ ଯାତ୍ରୀ ନିବାସଠାରେ ତା ୧୩.୮.୧୬ ରିଖ ପୂର୍ବାହ୍ଣ ୧୦.୦୦ ଘଟିକାରେ ଏକ ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଅଛି। ଆଲୋଚନାଚକ୍ରର ପ୍ରଥମ ଅଧିବେଶନ ପୂର୍ବାହ୍ଣ ୧୦.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଶିରୀଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉତ୍ତର ଓଡ଼ିଶାର ଭାଷା ଓ ସଂସ୍କୃତି ବିଷୟକ ଆଲୋଚନା କରାଯାଇଥିଲା। ଏଥିରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡକ୍ଟର ଅରବିନ୍ଦ ଗିରି। ସମ୍ମାନନୀୟ ଆଲୋଚକ ଭାବେ ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ଡକ୍ଟର ମନ୍ମଥ କୁମାର ପ୍ରଧାନ, ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡକ୍ଟର କବିତା ବାରିକ ପ୍ରମୁଖ ସାହିତ୍ୟିକମାନେ ଅଂଶଗ୍ରହଣ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଶିବ ପ୍ରସାଦ ଅଧିକାରୀ ଏହି ଅଧିବେଶନକୁ ଉଦ୍‌ଘାଟନ କରିବା ସହିତ ମୁଖ୍ୟଅତିଥି ଭାବେ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଶ୍ରୀ ବିପିନ ବିହାରୀ ବିଶ୍ୱାଳ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଉକ୍ତ ଦିନ ଅପରାହ୍ଣ ୨.୦୦ ଘଟିକାରେ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିବଂଗତ ନିର୍ବାଚିତ କବିମାନଙ୍କର କବିତା ଆବୃତ୍ତି କରାଯାଇଥିଲା। କବିତା ଆବୃତ୍ତି କରିଥିଲେ ଅଜିତ୍ କୁମାର ପଣ୍ଡା, ଅଭୟ କୁମାର ଦାସ, ଅଶ୍ୱିନୀ ଦାସ, କାଳୀପଦ ପଣ୍ଡା, ଧରଣୀଧର ପାତ୍ର ଓ ଲୋଚନ ବେହେରା। ଏହି ଅଧିବେଶନରେ ସମ୍ମାନନୀୟ ଅତିଥି ଭାବରେ ଡକ୍ଟର ସତ୍ୟରଞ୍ଜନ ଦାସ ଓ ଇଂ ଅଭୟ ସୂତାର ଯୋଗଦାନ କରିଥିଲେ। କବିତା ପାଠକୁ ସଂଯୋଜନା କରିଥିଲେ କୁମାର ଗୋପାଳ ଓ ଇଂ ସୁରେଶ ବେହେରା। ଅଧିବେଶନ ଶେଷରେ ଶ୍ରୀ ଭଗିରଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କବି ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅନଗୁଳ ଜିଲ୍ଲା ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ କବି ରାଧାମୋହନ ଗଡ଼ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୫.୮.୧୬ ରିଖ ଅପରାହ୍ଣ ୪.୩୦ ଘଟିକାରେ ଅନଗୁଳସ୍ଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଅନଗୁଳ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ଶ୍ରୀ କୁମୁଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଭାବାନୀ ଶଙ୍କର ମିଶ୍ର ମୁଖ୍ୟଅତିଥି, ପ୍ରଫେସର ଶାନ୍ତନୁ କୁମାର ସର ବିଶିଷ୍ଟ ଅତିଥି, ଡକ୍ଟର ଅଜୟ କୁମାର ମିଶ୍ର ସମ୍ମାନନୀୟ ଅତିଥି, ଡକ୍ଟର ସଦାଶିବ ନନ୍ଦ ମୁଖ୍ୟବକ୍ତା ଓ ଏକାଡେମୀ ସାଧାରଣ ପରିଷଦର ସଦସ୍ୟା ଡକ୍ଟର ଇନ୍ଦିରା ଦାଶ ସମ୍ମାନନୀୟା ବକ୍ତା ଭାବରେ ଯୋଗଦାନ କରି କହିଲେ ରାଧାମୋହନଙ୍କ ସାରସ୍ୱତ ସାଧନା ବହୁ ଦଶନ୍ଧିଧରି ପରିବ୍ୟାପ୍ତ ଥିଲା। ତାଙ୍କର କାବ୍ୟଗୁଡ଼ିକ ବାସ୍ତବବାଦୀ ଓ ରୋମାଣ୍ଟିକ ଚେତନାରେ ପରିପୂର୍ଣ୍ଣ । ତାଙ୍କର କାବ୍ୟ ଅଭିବ୍ୟକ୍ତିରେ ଶବ୍ଦବିନ୍ୟାସ ଓ ସଂଯୋଜନା ପାଠକଙ୍କୁ ବହୁ ଭାବରେ ଆକର୍ଷିତ କରି ପାରିଥିଲା। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯିବା ସହିତ ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦଙ୍କ ମିଳିତ ଅନୁକୂଲ୍ୟରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୭.୯.୧୬ରିଖ ଅପରାହ୍ଣ ୩.୦୦ ଘଟିକାରେ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁରସ୍ଥ ଗୋପଳ ସ୍ମୃତି ବିଦ୍ୟାପୀଠଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରହରାଜ ପ୍ରତିଭା ପୂଜା ପରିଷଦର କାର୍ଯ୍ୟକାରୀ ସଭାପତି ଶ୍ରୀ କାଳୀପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ଦାଶ ବେନହୁର ମୁଖ୍ୟଅତିଥି, ଶ୍ରୀ ବିଜୟ ଚନ୍ଦ୍ର ଜେନା ମୁଖ୍ୟଅତିଥି, ଡକ୍ଟର ବିଜୟାନନ୍ଦ ସିଂହ ସମ୍ମାନନୀୟ ଅତିଥି ଓ ଡକ୍ଟର ଅଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅଭିରୁଚିଥିଲା। ଭାଷା ସାହିତ୍ୟର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଭାଷା କୋଷର ଆବଶ୍ୟକତାକୁ ଉପଲବ୍ଧ କରି ଓଡ଼ିଆ ଭାଷାକୋଷର ପ୍ରଣୟନ ଶ୍ରୀ ପ୍ରହରାଜ କରିଥିଲେ ଯାହା ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଭାବେ ପରିଚୟ ଲାଭ କରିଛି। ତାଙ୍କର ଏହି ସାଧୁ ଉଦ୍ୟମ ଓଡ଼ିଆ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ଅବଦାନ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯିବା ସହିତ ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୨୯.୯.୧୬ରିଖ ସନ୍ଧ୍ୟା ୬.୩୦ ଘଟିକାରେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଶ୍ରୀ ରାଜକିଶୋର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ରଜତକୁମାର କର ମୁଖ୍ୟଅତିଥି, ଶ୍ରୀ ପ୍ରଭାତକୁମାର ନନ୍ଦ ମୁଖ୍ୟବକ୍ତା ଓ ଡକ୍ଟର କ୍ଷୀରୋଦ ଚନ୍ଦ୍ର ଦାଶ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଗୌରୀକୁମାର ବ୍ରହ୍ମା ଓଡ଼ିଆ ଓ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଏକ ଅସାଧାରଣ ପ୍ରତିଭା। ଶ୍ରୀ ଜଗନ୍ନାଥ ତତ୍ତ୍ୱ ବିଶାରଦ ତଥା ଭଞ୍ଜ ସାହିତ୍ୟର ପ୍ରବକ୍ତା ଭାବରେ ସେ ଓଡ଼ିଶାର କୋଣ ଅନୁକୋଣରେ ସୁପରିଚିତ। ସଭା ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଘ ଉତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଗୁଳସ୍ଥ ସଭାଘର ଠାରେ ତା ୨୨.୮.୧୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ମେଘ ଉତ୍ସବ ଉପଲକ୍ଷେ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିନ ପୂର୍ବାହ୍ନ ୧୦.୩୦ ଘଟିକାରେ ମେଘ ଉତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ଅନୁଗୁଳର ଜିଲ୍ଲାପାଳ ଶ୍ରୀ ଅନୀଲ କୁମାର ସାମଲ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ପ୍ରଫେସର ମୀନକେତନ ପୁରୋହିତ ସମ୍ମାନନୀୟ ଅତିଥି, ଶ୍ରୀ ଶ୍ରୀନିବାସ ବେହେରା ଅତିରିକ୍ତ ଜିଲ୍ଲାପାଳ ଅନୁଗୁଳ, ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅନୁଗୁଳ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଏକାଡେମୀର ସଦସ୍ୟା ଡକ୍ଟର ଇନ୍ଦିରା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ଦିନ ପୂର୍ବାହ୍ନ ୧୧.୪୫ ଘଟିକାରେ ଓଡ଼ିଆ କାବ୍ୟ କବିତାରେ ବର୍ଷା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡକ୍ଟର କୁମୁଦ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡକ୍ଟର ବିରଞ୍ଚି ନାରାୟଣ ସାମଲ। ସମ୍ମାନନୀୟ ଅତିଥି ଭାବେ ଡକ୍ଟର ପ୍ରଦୀପ କୁମାର ବିଶ୍ୱାଳ, ଶ୍ରୀ ରଞ୍ଜନ କୁମାର ଦାସ, ଶ୍ରୀ ରତ୍ନାକର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅଧିବେଶନରେ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର ଓ ଡକ୍ଟର ସାବିତ୍ରୀ ଦାଶ ସମ୍ମାନନୀୟ ଆଲୋଚକ ଭାବେ ଅଂଶ ଗ୍ରହଣ କରିଥିଲେ। ଅଧିବେଶନ ଶେଷରେ ଅକ୍ଷୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ଦିନ ଅପରାହ୍ନ ୨.୩୦ ଘଟିକାରେ କବିତା ମେଘ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଗିରିଜା ଶଙ୍କର ଶର୍ମା ପୌରୋହିତ୍ୟ କରିବା ସହିତ ଶ୍ରୀ ନୀଳଲୋହିତ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଶ୍ରୀ ଅଜୟ ପ୍ରଧାନ, ଅମରେନ୍ଦ୍ର ମାଧବ ଦାସ, ଅମୀୟ ରଞ୍ଜନ ମହାପାତ୍ର, ଅରୁଣ କୁମାର ସାହୁ, ଦୀଲ୍ଲିପ କୁମାର ମିଶ୍ର, ଦୀପ୍ତିମୟୀ ବିଶ୍ୱାଳ, ପୁଷ୍ପଲତା ରଥ, ପ୍ରତୀକ୍ଷା ଜେନା, ରାଧାକାନ୍ତ ମହାନ୍ତି, ସରୋଜିନୀ ବରାଇ, ସୁଶୀଲ କୁମାର ପାଣିଗ୍ରାହୀ, ଶ୍ରୀବତ୍ସ ପ୍ରଧାନ ଓ ହାଡ଼ିବନ୍ଧୁ ମିଶ୍ର ପ୍ରମୁଖ କବିମାନେ ସ୍ୱରଚିତ କବିତାଗୁଡ଼ିକ ଏଥିରେ ପାଠ କରିଥିଲେ। କବିତା ପାଠ ଶେଷରେ ଲକ୍ଷ୍ମଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲାସଂସ୍କୃତି ପରିଷଦ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ତା ୧୦.୯.୧୬ରିଖରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଷ୍ଟାଡ଼ିୟମଠାରେ ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୪ତମ ଜୟନ୍ତୀ ଅବସରରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଅଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରଶାସକ ତଥା ଗୀତିକାର ଅଲେଖ ଚନ୍ଦ୍ର ପଢ଼ିହାରୀ ମୁଖ୍ୟଅତିଥି, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଅତିରିକ୍ତ ଶାସନ ସଚିବ ଗାଳ୍ପିକ ବିଜୟ ନାୟକ, ଡକ୍ଟର ବିଜୟ କୁମାର ଶତପଥୀ ଓ ନିହାର ରଞ୍ଜନ ରାୟ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କହିଲେ ପଣ୍ଡିତ ତ୍ରିପାଠୀ ଶିଶୁ ସାହିତ୍ୟ ଆକାଶରେ ଜ୍ୟୋତିଷ୍ମାନ ନକ୍ଷତ୍ର ଥିଲେ। ଏହି ଉତ୍ସବକୁ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରି ଓଡ଼ିଆ ଶିଶୁ ସାହିତ୍ୟ ଇତିହାସରେ ପଣ୍ଡିତ ତ୍ରିପାଠୀ ଏକ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ଡାକ୍ତର ରୁଦ୍ରନାରାୟଣ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଦିବଂଗତ ବିଶିଷ୍ଟ ସାହିତ୍ୟିକମାନଙ୍କୁ ଶ୍ରଦ୍ଧାଞ୍ଜଳି



**ରାମଚନ୍ଦ୍ର ବ୍ରହ୍ମା**
ଜନ୍ମ : ୧୪.୨.୧୯୩୮
ମୃତ୍ୟୁ : ୧୦.୭.୨୦୧୬
ସ୍ୱର୍ଗତ ବ୍ରହ୍ମା ଜଣେ ଶିକ୍ଷାବିତ୍ ଓ ସୁସାହିତ୍ୟିକ। ଓଡ଼ିଆ ଓ ସଂସ୍କୃତ ଭାଷାର ଅନେକ ପୁସ୍ତକକୁ ସେ ସମ୍ପାଦନା କରିଅଛନ୍ତି। ଆଧୁନିକ ଓଡ଼ିଆ ସାହିତ୍ୟକୁ ବାମଣ୍ଡାର ଦାନ, ଜଳନ୍ଧର ଦେବ ରଚନାବଳୀ (ପ୍ରଥମ ଖଣ୍ଡ) ଓ ସାରବାସୁଦେବ ସୁଢ଼ଳ ଦେବ ଇତ୍ୟାଦି ପୁସ୍ତକ ତାଙ୍କର ଉଲ୍ଲେଖନୀୟ ସୃଷ୍ଟି ସମ୍ଭାର।



**ନରେନ୍ଦ୍ର ନାଥ ମିଶ୍ର**
ଜନ୍ମ : ୨୦.୧୦.୧୯୨୯
ମୃତ୍ୟୁ : ୧୩.୦୭.୨୦୧୬
ସ୍ୱର୍ଗତ ମିଶ୍ର ଜଣେ ଶିକ୍ଷାବିତ୍, ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ। ବଳରାମ ଦାସ ଓ ଓଡ଼ିଆ ରାମାୟଣ, ଆଧୁନିକ ଓଡ଼ିଆ କାବ୍ୟଧାରା, ଓଡ଼ିଆ ଭାଷା ଓ ସାହିତ୍ୟ ଏକ ଅଧ୍ୟୟନ, ଆଧୁନିକତା ଓ ଆଧୁନିକ ସାହିତ୍ୟ, ଆଧୁନିକ ଓଡ଼ିଆ କାବ୍ୟ ଧାରା ଇତ୍ୟାଦି ପୁସ୍ତକ ତାଙ୍କର ଉଲ୍ଲେଖନୀୟ ସୃଷ୍ଟି ସମ୍ଭାର।



**ରବୀନ୍ଦ୍ର ବିଶ୍ୱାଳ**
ଜନ୍ମ : ୩୧.୧୨.୧୯୪୪
ମୃତ୍ୟୁ : ୧୯.୭.୨୦୧୬
ସ୍ୱର୍ଗତ ବିଶ୍ୱାଳ ଜଣେ ଶିଶୁ ସାହିତ୍ୟିକ ଭାବେ ପରିଚିତ। ନଈ ବହିଯାଏ ଗୀତଟେ ଗାଇ ଓ ଝୁମୁରି ଆଇର ବଉଳା ଗାଈ ପୁସ୍ତକ ଇତ୍ୟାଦି ପୁସ୍ତକର ସ୍ରଷ୍ଟା।



**ବରେନ୍ଦ୍ର କୃଷ୍ଣ ଧଳ**
ଜନ୍ମ : ୨୫.୩.୧୯୪୧
ମୃତ୍ୟୁ : ୦୯.୦୮.୨୦୧୬
ସ୍ୱର୍ଗତ ଧଳ ଜଣେ କଥାକାର, ଅନୁବାଦକ ଓ ସ୍ତମ୍ଭକାର ଭାବେ ପରିଚିତ। କଳ୍ପବଟ, କ୍ଳାନ୍ତ ନକ୍ଷତ୍ର, ଅବ୍ୟର୍ଥ ମୃଗୟା, ଏକାକୀ ଅଭିମନ୍ୟୁ ଇତ୍ୟାଦି ପୁସ୍ତକ ତାଙ୍କର ଉଲ୍ଲେଖନୀୟ ସୃଷ୍ଟି ସମ୍ଭାର।



**ବିଭୂତି ଭୂଷଣ ପ୍ରଧାନ**
ଜନ୍ମ : ୧୯୫୭
ମୃତ୍ୟୁ : ୨୪.୮.୨୦୧୬
ସ୍ୱର୍ଗତ ପ୍ରଧାନ ଜଣେ କଥାକାର ଓ ଜଣେ ସମ୍ପାଦକ ଭାବେ ସୁପରିଚିତ। ଧେନୁ, ଦାହ, ଅର୍ଦ୍ଧସତ୍ୟ ଇତ୍ୟାଦି ଉପନ୍ୟାସ ପୁସ୍ତକ ତାଙ୍କର ଉଲ୍ଲେଖନୀୟ ସୃଷ୍ଟି ସମ୍ଭାର।



**ଅପୂର୍ବ ରଞ୍ଜନ ରାୟ**
ଜନ୍ମ : ୨.୧୦.୧୯୪୧
ମୃତ୍ୟୁ : ୨୭.୮.୨୦୧୬
ସ୍ୱର୍ଗତ ରାୟ ଜଣେ ସୁସାହିତ୍ୟିକ, ସମ୍ପାଦକ ଓ ସମ୍ପାଦକ ଭାବେ ସୁପରିଚିତ। ବିଶ୍ୱବରେଣ୍ୟ ସ୍ୱାମୀ ବିବେକାନନ୍ଦ, ମହାପୁରୁଷ ଶ୍ରୀରାମକୃଷ୍ଣ ପରମହଂସ, ସାରସ୍ୱତ ପୁରୁଷ କାନ୍ତକବି ଲକ୍ଷ୍ମୀକାନ୍ତ ଇତ୍ୟାଦି ପୁସ୍ତକର ସେ ସ୍ରଷ୍ଟା।



**ଦୀନନାଥ ପାଠୀ**
ଜନ୍ମ : ୯.୫.୧୯୪୨
ମୃତ୍ୟୁ : ୨୯.୮.୨୦୧୬
ସ୍ୱର୍ଗତ ପାଠୀ ଜଣେ ସୁସାହିତ୍ୟିକ ଓ କଳାକାର ଭାବେ ପରିଚିତ। ସେ ଦିଗପହଣ୍ଡିର ଡ୍ରଇଁ ମାଷ୍ଟ୍ରେ ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କୃତ ସାହିତ୍ୟିକ। ତାଙ୍କର ରଚନାବଳୀ ମଧ୍ୟରେ ନୀଳ ହ୍ରଦର ଚିତ୍ରକର, ସାୟୋନାରା, ପୁର୍ନନବା, ରୂପଜୀବୀର ଡାଏରୀ ଇତ୍ୟାଦି ପୁସ୍ତକ ତାଙ୍କର ଉଲ୍ଲେଖନୀୟ ସୃଷ୍ଟି ସମ୍ଭାର।

## ଯାଜପୁରରୋଡ଼ଠାରେ ସୃଜନ ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯାଜପୁର ରୋଡ଼ସ୍ଥ ଉତ୍ସବ ପ୍ୟାଲେସ ସଭାକକ୍ଷରେ ତା ୨୫.୯.୧୬ରିଖ ପୂର୍ବାହ୍ଣ ୧୦.୦୦ ଘଟିକାରେ ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ଣ ୧୦.୦୦ ଘଟିକାରେ ଓଡ଼ିଆ ସାହିତ୍ୟରେ ନାଟ୍ୟ ପରାମ୍ପରା ଶୀର୍ଷକ ଏକ ଆଲୋଚନାଚକ୍ର ଶ୍ରୀ ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ଘାଟକ ଭାବେ ଶ୍ରୀ ଅଚ୍ୟୁତାନନ୍ଦ ପତି, ସମ୍ମାନନୀୟ ଅତିଥି ଭାବେ ବ୍ୟାସନଗର ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ସବିତା ରାଉତ, ମୁଖ୍ୟବକ୍ତା ଭାବେ ଡକ୍ଟର ବିଜୟ କୁମାର ଶତପଥୀ ଓ ସମ୍ମାନନୀୟ ବକ୍ତା ଭାବେ ଶ୍ରୀ ସୂର୍ଯ୍ୟମଣି ଖୁଣ୍ଟିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅପରାହ୍ଣ ୨.୦୦ ଘଟିକାରେ ସୃଜନ ଆସରର କବିତା ପାଠ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡକ୍ଟର ରୁଦ୍ରନାରାୟଣ ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତାପାଠ ଉତ୍ସବରେ ନିମନ୍ତ୍ରିତ ପଚାଶରୁ ଉର୍ଦ୍ଧ୍ୱ କବିମାନେ ସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଦୟାନିଧି ନାୟକ, ଅଜୟ ବଳ ଓ ରୀନା ମହାପାତ୍ର ।

## କବି ବିନୋଦ ଚନ୍ଦ୍ର ନାୟକଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମୁଖ୍ୟଙ୍କ ମିଳିତ ସହଯୋଗରେ କବି ବିନୋଦ ଚନ୍ଦ୍ର ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୪.୯.୧୬ରିଖ ପୂର୍ବାହ୍ଣ ୧୦.୦୦ ଘଟିକାରେ ସୁନ୍ଦରଗଡ଼ସ୍ଥ ପ୍ରଗତି ସଭାଗୃହରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଡକ୍ଟର ଭଗବାନ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ଗରିଦଣ୍ଡସେନା ମୁଖ୍ୟଅତିଥି, ଶ୍ରୀ ଭୂପେନ୍ ମହାପାତ୍ର ସମ୍ମାନନୀୟ ଅତିଥି ଓ ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ କବି ବିନୋଦ ଚନ୍ଦ୍ର ନାୟକ ଓଡ଼ିଆ କାବ୍ୟାଲୋକରେ ଏକ ଉଜ୍ଜ୍ୱଳ ନକ୍ଷେତ୍ର। ତାଙ୍କର ସୃଜନାତ୍ମକ ପ୍ରତିଭା ଛାତ୍ରାବସ୍ଥାରୁ ପରିସ୍ଫୁଟ ହୋଇଥିଲା। ପ୍ରକୃତିର ଚିତ୍ର ସହ ମାନବୀୟ ଚରିତ୍ରର ଏକ ଅପୂର୍ବ ମିଳନ ତାଙ୍କ କାବ୍ୟ ସାହିତ୍ୟରେ ପରିଲକ୍ଷିତ ହୁଏ। ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ତାଙ୍କର କାବ୍ୟ ସୃଷ୍ଟିଗୁଡ଼ିକ ବହୁ ଭାବରେ ସମୃଦ୍ଧ କରିଅଛି। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା।



## ବିଶିଷ୍ଟ ସାହିତ୍ୟିକ ଭୁବନେଶ୍ୱର ବେହେରାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଭୁବନେଶ୍ୱର ବେହେରାଙ୍କ ଜନ ଶତବାର୍ଷିକୀ ଉପଲକ୍ଷେ ସମ୍ବଲପୁରସ୍ଥ ପାନ୍ଥନିବାସଠାରେ ତା ୨୯.୯.୧୬ରିଖରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଆଲୋଚନାଚକ୍ରର ଉଦ୍‌ଘାଟନ ଉତ୍ସବ ଉକ୍ତ ଦିନ ପୂର୍ବାହ୍ଣ ୧୦.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବକୁ ପୂର୍ବତନ ମନ୍ତ୍ରୀ ତଥା ସାହିତ୍ୟିକ ଶ୍ରୀ ରାସବିହାରୀ ବେହେରା ଉଦ୍‌ଘାଟନ କରି କହିଲେ ଭୁବନେଶ୍ୱର ବେହେରା ଓଡ଼ିଆ ସାହିତ୍ୟର ମାଇଲଖୁଣ୍ଟ। ଶ୍ରୀ ବେହେରାଙ୍କ ସାହିତ୍ୟ ସମାଜର ସବୁ ବର୍ଗର ପାଠକର ମନକୁ ଛୁଇଁ ପାରିଥିଲା। ସାହିତ୍ୟ କେବଳ ମନୋରଞ୍ଜନର ବିଷୟବସ୍ତୁ ନୁହେଁ। ସାହିତ୍ୟ ନୀତି, ଆଦର୍ଶ, ଭାବନା ଏବଂ ସମାଜର ପ୍ରତିବିମ୍ବ। ସାହିତ୍ୟର ଉପାଦାନକୁ ସାଉଁଟି ରଖିଲେ ମଣିଷ ସ୍ୱୟଂସମ୍ପୂର୍ଣ୍ଣ ହୋଇ ବଞ୍ଚି ରହିବ। ସମାଜ ସୁସ୍ଥ ହେବ। କିଛି ସାହିତ୍ୟରେ ମୂଲ୍ୟବୋଧକୁ ବଞ୍ଚାଇ ରଖିବାକୁ ହେବ। ମୂଲ୍ୟବୋଧ ଭିତ୍ତିକ ସାହିତ୍ୟ ହିଁ ସଠିକ୍ ମାର୍ଗ ଦର୍ଶକ। କାରଣ ସାହିତ୍ୟ ହିଁ ଯୁବ ସମ୍ପ୍ରଦାୟକୁ ପଥ ପ୍ରଦର୍ଶନ କରିଥାଏ। ସାହିତ୍ୟର ମୂଲ୍ୟବୋଧ ସଚେତନତା ସୃଷ୍ଟିକରେ। ଭାଷାରେ ବିବିଧତା ରହିଲେ ସଂସ୍କୃତି ସମୃଦ୍ଧ ହୋଇଥାଏ ହେଲେ ଏହି ବିବିଧତା ଜାତି ମଧ୍ୟରେ ଭିନ୍ନତା ନ ଆଣୁ ବୋଲି ସେ କହିଥିଲେ। ଶ୍ରୀମତୀ ଯଶୋଧାରା ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଭୁବନେଶ୍ୱର ବେହେରାଙ୍କୁ ସାମାଜିକ ରୀତି ନୀତି ଏବଂ ଅବହେଳିତ ବର୍ଗଙ୍କ ପ୍ରତି ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ଅତିଥି ଶ୍ରୀ ବିନୟ କୁମାର ବେହେରା ଭୁବନେଶ୍ୱର ବେହେରାଙ୍କ ସାହିତ୍ୟ ରଚନାର




ବିଭିନ୍ନ ସ୍ୱାଦ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଯଶୋଧାରା ମିଶ୍ରଙ୍କ ରଚିତ ଭୁବନେଶ୍ୱର ବେହେରାଙ୍କ ଶ୍ରେଷ୍ଠ ଗଳ୍ପ, ମମତା ଦାସଙ୍କ ମେକର୍ସ ଅଫ ଇଣ୍ଡିଆନ ଲିଟେରଚର : ଭୁବନେଶ୍ୱର ବେହେରା, ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ 'ସମ୍ବଲପୁରୀ ଓଡ଼ିଆ ଶବ୍ଦକୋଷ', ପ୍ରଦୀପ ପଣ୍ଡାଙ୍କ ସମ୍ପାଦିତ ପୂର୍ଣ୍ଣାନନ୍ଦ ଦାନୀ ନିର୍ବାଚିତ ଗଳ୍ପ ସଂକଳନ ଏବଂ ବୀଣାପାଣି ପ୍ରଧାନଙ୍କ 'ସାରସ୍ୱତ ସାଧକ ନୀଳମାଧବ ପାଣିଗ୍ରାହୀ' ପୁସ୍ତକ ଗୁଡ଼ିକ ଲୋକାର୍ପିତ ହୋଇଥିଲା। ଅଧିବେଶନ ଶେଷରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଅପରାହ୍ଣ ୧୨.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଗଣେଶରାମ ନାହାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରାବନ୍ଧିକ ଭୁବନେଶ୍ୱର ବେହେରା:ଏକ ଆକଳନ ବିଷୟକ ଆଲୋଚନା କରାଯାଇଥିଲା। ଏଥିରେ ଡକ୍ଟର ବୀଣାପାଣି ପ୍ରଧାନ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ଶିବ ପ୍ରସାଦ ତ୍ରିପାଠୀ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ।

ଆଲୋଚନାଚକ୍ରର ତୃତୀୟ ଅଧିବେଶନ ଅପରାହ୍ଣ ୩.୦୦ ଘଟିକାରେ ଡକ୍ଟର ଗିରିଜା ଶଙ୍କର ଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ବେହେରାଙ୍କ କଥା ସାହିତ୍ୟରେ ଗ୍ରାମୀଣ ଜୀବନର ଚିତ୍ର ବିଷୟକ ଆଲୋଚନା କରାଯାଇଥିଲା। ଡକ୍ଟର ପରମେଶ୍ୱର ମୁଣ୍ଡ ଭିତ୍ତିପ୍ରବନ୍ଧ ପାଠ କରିଥିବା ବେଳେ ଡକ୍ଟର ଶୁଭେନ୍ଦୁ ମୁଣ୍ଡ ଓ ଗୋପୀନାଥ ବାଗ ବିଶିଷ୍ଟ ଆଲୋଚକ ଭାବେ ଯୋଗଦାନ କରିଥିଲେ।

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜଙ୍କ ମିଳିତ ଆନୁକୂଲ୍ୟରେ ଲବ୍ଧ ପ୍ରତିଷ୍ଠ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୧.୮.୧୬ରିଖ ସନ୍ଧ୍ୟା ୬.୩୦ ଘଟିକାରେ କଟକସ୍ଥ ଶତାବ୍ଦୀ ଭବନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ସଂଘମିତ୍ରା ମିଶ୍ର ମୁଖ୍ୟଅତିଥି, ବିଶିଷ୍ଟ କଥାକାର ଶ୍ରୀ ସହଦେବ ସାହୁ, ଡକ୍ଟର ବସନ୍ତ କୁମାର ପଣ୍ଡା ଓ ଶ୍ରୀ ବିଷ୍ଣୁ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କହିଲେ କାହ୍ନୁଚରଣଙ୍କ ଲିଖିତ ଉପନ୍ୟାସଗୁଡ଼ିକରେ ସାମ୍ୟବାଦୀ ଆଦର୍ଶ, ମାନବବାଦୀ ଜୀବନଦର୍ଶନ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ବହୁଧା ପ୍ରତିଫଳିତ ହୋଇଛି। ଫକୀର ମୋହନଙ୍କ ଉତ୍ତର ଦାୟଦ ଭାବେ କାହ୍ନୁରଣଙ୍କ ଉପନ୍ୟାସଗୁଡ଼ିକ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ସମ୍ପଦ ଭାବେ ପରିଚିତ। ତାଙ୍କର ଉପନ୍ୟାସଗୁଡ଼ିକ ଓଡ଼ିଶାର ପ୍ରତ୍ୟେକ ପାଠକମାନଙ୍କ ଦ୍ୱାରା ବହୁ ଭାବରେ ଆଦୃତ ଲାଭ ହୋଇପାରିଛି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା।

# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯୁଗଜ୍ୟୋତି ସାହିତ୍ୟ ସଂସଦ ବ୍ରହ୍ମଗିରିଙ୍କ ମିଳିତ ସହଯୋଗରେ ସିଦ୍ଧ ସାଧକ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୯.୯.୧୬ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ବ୍ରହ୍ମଗିରି ନିକଟ ଶାନ୍ତିଧାମସ୍ଥ ବାବା ଭୀମେଶ୍ୱର ସଂସ୍କୃତ ମହାବିଦ୍ୟାଳୟଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରା ମୁଖ୍ୟଅତିଥି, ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ ଓ କବି ଦାମୋଦର ପରିଡ଼ା ସମ୍ମାନନୀୟ ଅତିଥି ଏବଂ ଡକ୍ଟର ନରେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରି ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ସାଧନ କରିବା ସହିତ ଭଗବତପ୍ରେମୀ ଜନସାଧାରଣଙ୍କ ମଧ୍ୟରେ ଐଶ୍ୱରୀୟ ଚେତନା ଜାଗ୍ରତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଂସ୍କୃତ ଭାଗବତର ଆଧ୍ୟାତ୍ମିକ




ଭାବ ଓ ତତ୍ତ୍ୱ ସମୂହକୁ ସରଳ ଓ ହୃଦୟଗ୍ରାହୀ ଓଡ଼ିଆ ଭାଷାରେ ପ୍ରକାଶ କରି ସେ ଓଡ଼ିଆ ଜାତିର ବିଶେଷ କଲ୍ୟାଣ ସାଧନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।



# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୦୭.୧୬ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପଣ୍ଡିତ ମାନଗୋବିନ୍ଦ ମହାସୂପକାର, ତା ୩୧.୦୮.୧୬ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଏବଂ ତା ୩୦.୦୯.୧୬ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠୀ ଶର୍ମା ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ତା ୨୫.୭.୧୬ରିଖ ସନ୍ଧ୍ୟା ୬.୩୦ ଘଟିକାରେ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ  କହିଥିଲେ ଯେ, ପ୍ରତିଭାଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ସହିତ ସମସ୍ତ ପ୍ରକାର ସୁଯୋଗ ଦେବାକୁ ପଡ଼ିବ। ବିଦେଶୀ ଭାଷାରେ କୌଣସି ରଚନାକୁ ଓଡ଼ିଆରେ ଏବଂ ଓଡ଼ିଆ ଭାଷାର ଏକ ପୁସ୍ତକକୁ ବିଦେଶୀ ଭାଷାରେ ଅନୁବାଦ କରାଯିବ। ଚଳିତ ବର୍ଷ ତିନି ଜଣ ସାରସ୍ୱତ ସାଧକ ସଚ୍ଚି ରାଉତରାୟ, ଭୁବନେଶ୍ୱର ବେହେରା ଏବଂ ଗୋପାଳ ଛୋଟରାୟଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ। ଏଥିପାଇଁ ସେମାନଙ୍କ ଲେଖାକୁ ସଂଗ୍ରହ କରାଯାଇ ସ୍ୱତନ୍ତ୍ର ସଂକଳନ କରିବାକୁ ଚେଷ୍ଟା କରାଯିବ ବୋଲି  ଶ୍ରୀ ପାଣିଗ୍ରାହୀ କହିଥିଲେ। ସମ୍ମାନନୀୟ ଅତିଥି ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ଅମରେନ୍ଦ୍ର କୁମାର ପଟ୍ଟନାୟକ ଏହି ସଭାରେ ଯୋଗଦାନ କରି କହିଲେ ଯେ, ସାହିତ୍ୟକୁ ବଞ୍ଚାଇ ରଖିବାକୁ ହେଲେ ଆମର ଉତ୍ତର ଦାୟାଦଙ୍କୁ ପ୍ରସ୍ତୁତ କରିବାକୁ ହେବ। ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ ଯେ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭାବ ଧାରା ଆମ ସାହିତ୍ୟରେ ପ୍ରତିଫଳିତ। ସେତେବେଳେ ଲୋକଙ୍କ ଭାବଧାରା ଓ ବିବେକକୁ ନେଇ ସାହିତ୍ୟ ରଚନା କରାଯାଉଥିଲା ଫଳରେ ଗୋପବନ୍ଧୁଙ୍କ କବିତା, ଗଳ୍ପ ଆଦି ପାଠକୀୟ ଆଦୃତି ଲାଭ କରିଥିଲା। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ଏହି ଉତ୍ସବରେ ପୌରୋହିତ୍ୟ କରି କହିଲେ ଏକାଡେମୀ କାର୍ଯ୍ୟକ୍ରମରେ ଯୁବପୀଢ଼ିମାନଙ୍କୁ ଅଧିକ ମାତ୍ରାରେ ସାମିଲ କରିବା ସମୀଚିନ ହେବ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱନକ୍ଷେତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ଏହି ସଭାରେ ପୁରସ୍କୃତ  କରାଯାଇଥିଲା। ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଶିବ ପ୍ରସାଦ ଦାସଙ୍କ ଦ୍ୱାରା ରଚିତ ସମ୍ବଲପୁର ଇତିହାସର ତୃତୀୟ ସଂସ୍କରଣ ଲୋକାର୍ପିତ ହୋଇଥିଲା। ଶେଷରେ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ଏକାଡେମୀ ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବୈକୁଣ୍ଠନାଥ ପଟ୍ଟନାୟକ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପୂଜ୍ୟପୂଜା ପରିଷଦ ବଡ଼ମ୍ବାଙ୍କ ମିଳିତ ଆନୁକୂଲ୍ୟରେ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୯.୧୬ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଭୁବନେଶ୍ୱରସ୍ଥ ଓଡ଼ିଶା ରାଜ୍ୟ ଅଭିଲେଖାଗାରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟକ, ମାନ୍ୟବର ଶିକ୍ଷ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି, ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ  ସମ୍ମାନନୀୟ ଅତିଥି, ଶ୍ରୀ ହରପ୍ରସାଦ ଦାସ ମୁଖ୍ୟବକ୍ତା, ଡକ୍ଟର ବିଜୟ କୁମାର ମହାନ୍ତି ଓ ଡକ୍ଟର ରଣଜିତ କୁମାର ପରିଡ଼ା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ସବୁଜ ଯୁଗର କବି ବୈକୁଣ୍ଠନାଥ ପଟ୍ଟନାୟକ ଜଣେ ଆଦର୍ଶ ଶିକ୍ଷକ ଓ ସୁକବିଥିଲେ। ତାଙ୍କର ନିରବଚ୍ଛିନ୍ନ ସାଧନା ଫଳରେ ଓଡ଼ିଆ କାବ୍ୟ ସାହିତ୍ୟ ହୋଇଛି ଋଦ୍ଧିମନ୍ତ ଓ ମହିମାନ୍ୱିତ। ଆଧ୍ୟାତ୍ମିକ ଓ ରହସ୍ୟବାଦୀ କବି ଭାବରେ ଓଡ଼ିଆ କାବ୍ୟ ସାହିତ୍ୟରେ ସେ ସୁଖ୍ୟାତି ଅର୍ଜନ କରିଛନ୍ତି। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦ, ଓଡ଼ିଶା ପ୍ରଦେଶସ୍ଥ କାୟସ୍ଥ ସଭା, ଉତ୍କଳ ସାହିତ୍ୟ ସମାଜ ଓ  କଟକ ମହାନଗର ନିଗମଙ୍କ ମିଳିତ ସହଯୋଗରେ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୭୮ତମ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ତା ୧୩.୭.୧୬ ରିଖ ସନ୍ଧ୍ୟା ୬.୩୦ ଘଟିକାରେ କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦର ସଭାପତି ଶ୍ରୀ କାର୍ତ୍ତିକ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ଓ ସୁସାହିତ୍ୟିକ ଡକ୍ଟର ମଣୀନ୍ଦ୍ର କୁମାର ମେହେର ସମ୍ମାନନୀୟ ଅତିଥି ଏବଂ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ କର୍ମବୀର ଗୌରୀଶଙ୍କରଙ୍କ ନିଷ୍ଠାପର ଜନସେବା ଦ୍ୱାରା କଟକ ସହର ତଥା ନିଜ ଗ୍ରାମ ଅସୁରେଶ୍ୱରଠାରେ ବହୁ ସାମାଜିକ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇ ପାରିଥିଲା। ଓଡ଼ିଆ ଭାଷା ଓ ଶିକ୍ଷାର ଶ୍ରୀବୃଦ୍ଧି ପାଇଁ କେତେକ ମୌଳିକ ରଚନା ତଥା ଅନୁବାଦ  ସହିତ ବହୁ ପାଠ୍ୟପୁସ୍ତକ ରଚନା କରି ସେ ଓଡ଼ିଆ ପାଠ୍ୟପୁସ୍ତକ ଭଣ୍ଡାରକୁ ସମୃଦ୍ଧ କରିପାରିଥିଲେ। ପ୍ରାରମ୍ଭରେ ଗୌରୀଶଙ୍କର ରାୟ ସ୍ମୃତି ସଂସଦର ସମ୍ପାଦକ ଶ୍ରୀ ଇନ୍ଦ୍ରଜିତ୍ ଘୋଷ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ / ଫ୍ୟାକ୍ସ :୦୬୭୪-୨୪୩୧୮୪୦
ଇ-ମେଲ: odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍ ପ୍ରା.ଲିଃ କଟକ-୨